# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୫୧ (ଓଡ଼ିଆ ବୁଲେଟିନ)　　ସପ୍ତାହ – ୨୬　　ତାରିଖ: ୨୫.୦୬.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୯.୦୬.୨୦୨୬ ରୁ ୨୫.୦୬.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| 38 | 38 | 39 | 37 | 32 | 35 | 35 | 26 | 25 | 24 | 23 | 23 | 23 | 25 | 0 | 4 | 0 | 7 | 15 | 22 | 0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୬-୦୬-୨୦୨୬ | ୨୭-୦୬-୨୦୨୬ | ୨୮-୦୬-୨୦୨୬ | ୨୯-୦୬-୨୦୨୬ | ୩୦-୦୬-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 22 | 19 | 18 | 15 | 16 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 35 | 36 | 36 | 35 | 36 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 26 | 26 | 25 | 26 |
| ମେଘ ଆବରଣ(ଓକଟା) | 3 | 3 | 3 | 5 | 7 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 74 | 74 | 73 | 73 | 78 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 36 | 37 | 39 | 39 | 48 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 7 | 7 | 6 | 11 | 15 |
| ପବନର ଦିଗ (ଡିଗ୍ରୀ) | 237 | 223 | 227 | 229 | 251 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହରେ ବଜ୍ରପାତ ସହିତ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆଗାମୀ ସପ୍ତାହରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ଅଧିକ ରହିବା ସହିତ ୦୬ ରୁ ୧୫ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ଆଗାମୀ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ ଠିଆ ଫସଲ କ୍ଷେତରେ ଜଳସେଚନ ତଥା ସିଞ୍ଚନ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଛି ।
- ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁ ୨୦୨୬ ରେ ଏଲ ନିନୋ ପରିସ୍ଥିତି ସୁଦୃଢ଼ ହେବା ଯୋଗୁଁ (ଭାରତ ପାଣିପାଗ ବିଜ୍ଞାନ ବିଭାଗର ପୂର୍ବାନୁମାନ ଅନୁସାରେ), ଖରିଫ-୨୦୨୬ ରେ ସ୍ୱାଭାବିକ ଠାରୁ କମ୍ ମୌସୁମୀ ବର୍ଷା ଆଶା କରାଯାଉଛି, ତେଣୁ ଚାଷୀଭାଇମାନଙ୍କୁ ନିମ୍ନଲିଖିତ ଜଳବାୟୁ-ଅନୁକୂଳ କୃଷି ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଅଛି:
- ଚାଷୀମାନେ ସ୍ୱଳ୍ପ ଅବଧି, ଅଧିକ ଅମଳକ୍ଷମ ଫସଲ କିସମ ବ୍ୟବହାର କରିବା ଉଚିତ ଯାହା ଶୀଘ୍ର ପାଚିଥାଏ ଏବଂ କମ୍ ପାଣି ଆବଶ୍ୟକ କରେ (ଯଥା, ବାଜରା/ମାଣ୍ଡିଆ/ମିଲେଟ୍ସ, ରାଶି, ଡାଲି ଜାତୀୟ ଫସଲ କିମ୍ବା ମରୁଡ଼ି ପ୍ରତିରୋଧୀ ଧାନ କିସମ ।)
- ବର୍ଷାଆଧାରିତ ଅଞ୍ଚଳରେ ଭଲ ମୌସୁମୀ ବର୍ଷା ପରେ ବୁଣା କରାଯିବା ଉଚିତ ।
- ଯଦି ସମ୍ଭବ ହୁଏ, ଯଥେଷ୍ଟ ପରିମାଣର ପାଣି ସଞ୍ଚୟ କରିବା ପାଇଁ ଧାନ ଫସଲରେ ପାରମ୍ପରିକ ରୋପଣ ପରିବର୍ତ୍ତେ ସିଧା ବୁଣା ପଦ୍ଧତି (DSR) ବ୍ୟବହାର କରନ୍ତୁ।
- ଫସଲ ବିବିଧତା ଅନୁସରଣ କରନ୍ତୁ ଏବଂ ଫସଲ ନଷ୍ଟକୁ କମ କରିବା ପାଇଁ ଏକାଥରେ ବିହନ ନ ବୁଣି କିଛି କିଛି ଅନ୍ତରାଳରେ ବିହନ ବୁଣନ୍ତୁ ।

- ଡ୍ରିପ୍ ଏବଂ ସିଞ୍ଚା ଜଳସେଚନ ପ୍ରଣାଳୀ ବ୍ୟବହାର କରନ୍ତୁ, ଯାହା ସିଧାସଳଖ ଗଛ ମୂଳକୁ ପାଣି ପହଞ୍ଚାଏ ଏବଂ ବାଷ୍ପୀଭବନ ଯୋଗୁଁ ହେଉଥିବା କ୍ଷତିକୁ କମ କରେ ।
- ମୌସୁମୀ ସମୟରେ ବର୍ଷା ଜଳ ସଂରକ୍ଷଣ ପାଇଁ ଖେତରେ ବନ୍ଧଗୁଡିକର ମରାମତି କରି ତାକୁ ସୁଦୃଢ କରନ୍ତୁ ।
- ସନ୍ତୁଳିତ ଖାଦ୍ୟସାର ପରିଚାଳନା ପାଇଁ ମୃତ୍ତିକା ବା ମାଟି ପରୀକ୍ଷା ନିଶ୍ଚିତ କରାନ୍ତୁ।
- ମାଟିର ଆର୍ଦ୍ରତା ବଜାୟ ରଖିବା ଏବଂ ଘାସ ପରିଚାଳନା କରିବା ପାଇଁ ଗଛର ମୂଳ ଚାରିପାଖରେ ଜୈବିକ ମଲ୍ଚ ବା ଆବରଣ (ନଡା, ପତ୍ର ଇତ୍ୟାଦି) ପ୍ରୟୋଗ କରନ୍ତୁ ।
- ବର୍ଷାଜଳ ସଂଗ୍ରହର ଉଚିତ ବ୍ୟବସ୍ଥା କରନ୍ତୁ ଏବଂ ଧାନ ଫସଲ ପାଇଁ ବିକଳ୍ପ ଓଦା ଏବଂ ଶୁଖା ଜଳସେଚନ ପ୍ରଣାଳୀ ବ୍ୟବହାର କରନ୍ତୁ ।
- ନିୟମିତ ଭାବରେ ପାଣିପାଗ ଆଧାରିତ କୃଷି-ପରାମର୍ଶ ଅନୁସରଣ କରନ୍ତୁ ଏବଂ ସେହି ଅନୁସାରେ କୃଷି କାର୍ଯ୍ୟ ପରିଚାଳନା କରନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ପ୍ରଚଳିତ ମୌସୁମୀ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ଉନ୍ନତ ଆର୍ଦ୍ରତା ବା ଜଳ ସଂରକ୍ଷଣ ପଦ୍ଧତି ଗ୍ରହଣ କରିବା ଉଚିତ ଏବଂ ଆବଶ୍ୟକ ସ୍ଥଳେ ଧାନ ଚାଷରେ ସ୍ୱଳ୍ପ/ମଧ୍ୟମ ଅବଧିର ଫସଲ ବ୍ୟବହାର କରନ୍ତୁ କିମ୍ବା ଯଦି ସମ୍ଭବ ହୁଏ ସିଧା ବୁଣା ପଦ୍ଧତିରେ ଚାଷ କରନ୍ତୁ ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ଜମି ପ୍ରସ୍ତୁତି/ ବିହନ ଚୟନ/ ବିହନ ବୁଣିବା ଅବସ୍ଥା | • ଏହି ବର୍ଷ ମୌସୁମୀରେ ସ୍ୱାଭାବିକ ଅପେକ୍ଷା କମ ବର୍ଷା ହେବାର ସମ୍ଭାବନା ଅଛି, ତେଣୁ ଚାଷୀ ଭାଇ ମାନେ ସଅଳ ରୁ ମଧ୍ୟମ କିସମ ଧାନର ପ୍ରୟୋଗକୁ ଗୁରୁତ୍ୱ ଦେବା ଆବଶ୍ୟକ ।<br>• ଉଚ୍ଚ ଜମି ପାଇଁ ନିମ୍ନଲିଖିତ କିସମଗୁଡିକ ବ୍ୟବହାର କରିପାରିବେ (୯୦ ରୁ ୧୨୦ ଦିନ ଅବଧି): ସହଭାଗି, ଖଣ୍ଡଗିରି, ମନ୍ଦାକିନୀ, ଫାଲଗୁନି, ନବନୀ, ସ୍ୱର୍ଣ୍ଣ ଶକ୍ତି, ସ୍ୱର୍ଣ୍ଣ ସୁଖା ଧାନ ଇତ୍ୟାଦି ଏବଂ ମଧ୍ୟମ ରୁ ନିମ୍ନ ଭୂମି ପାଇଁ (୧୨୦ ରୁ ୧୪୦ ଦିନ ଅବଧି): ସ୍ୱର୍ଣ୍ଣ ସମୃଦ୍ଧି, ବିନା ଧାନ ୧୧, ଉନ୍ନତ ଲଲାଟ, ଏମ୍.ଟି.ୟୁ.-୧୧୫୬, ଏମ୍.ଟି.ୟୁ.-୧୦୧୦, ଏମ୍.ଟି.ୟୁ.-୧୦୦୧, ପ୍ରତିକ୍ଷା, ନବୀନ, ହିରାନମୟୀ, ତେଜସ୍ୱିନୀ ଇତ୍ୟାଦି ।<br>• ଚାଷୀଭାଇମାନେ ପାଣିର ଉପଲବ୍ଧତା ଅନୁସାରେ ଧାନ ନର୍ସରୀ ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେବା ଉଚିତ ।<br>• ଓଦା ତଳି ଘରା ବା ନର୍ସରୀ ପାଇଁ, ଭଲ ଭାବରେ କାଦୁଅ ହୋଇ ସମତଳ କରାଯାଇଥିବା ମାଟିରେ ପୂର୍ବରୁ ଅଙ୍କୁରିତ ବିହନଗୁଡ଼ିକୁ ଛିଞ୍ଚି ଦିଆଯାଇଥାଏ । ପାଣିକୁ ସଠିକ୍ ଭାବରେ ନିଷ୍କାସନ କରିବା ପାଇଁ ଉଚିତ ବ୍ୟବସ୍ଥା କରାଯିବା ଆବଶ୍ୟକ ।<br>• ମୋଟ ତଳି ଘରାର କ୍ଷେତ୍ରଫଳ ରୋପଣ କରିବାକୁ ଥିବା କ୍ଷେତ୍ରଫଳର ପ୍ରାୟ ୧/୧୦ ଭାଗ ଏବଂ ୧ ହେକ୍ଟର ରୋପଣ ପାଇଁ ପ୍ରାୟ ୪୦ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ ।<br>• ଜୁନ ମାସରେ ଯେଉଁଠାରେ ସମ୍ଭବ ହୁଏ, ଧାନ ବନ୍ଧରେ ହରଡ଼ ବା କାନ୍ଦୁଲ ବୁଣାଯାଇପାରିବ । |
| କପା | ଜମି ପ୍ରସ୍ତୁତି/ ବିହନ ଚୟନ/ ବିହନ ବୁଣିବା ଅବସ୍ଥା | • ଆଗାମୀ ବର୍ଷା ଋତୁରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବାର ବିଚାରକୁ ନେଇ, ମୁଖ୍ୟତଃ ବର୍ଷା ଆଧାରିତ କୃଷି ହେଉଥିବା ଅଞ୍ଚଳରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ମାଟିରେ ଆର୍ଦ୍ରତା ଜମା ହେବା ପରେ ହିଁ ବୁଣା କାମ କରିବାକୁ ପରାମର୍ଶ ଦିଆଯାଉଛି ।<br>• ଚାଷୀଭାଇମାନେ କିଛି ହାଇବ୍ରିଡ୍ କିସମ ଯେପରିକି ଯେ.କେ.-ଦୁର୍ଗା, ଅଟଳ, ଧନୋ, ଗବର, ଶ୍ରୀ ତୁଳସୀ, ଭାଗ୍ୟ, ଆଙ୍କା, ଚନ୍ଦ୍ରମୁଖୀ ଏବଂ ବିଏସ୍ ୩୦, ବିଏସ୍ ୨୭୯, ସୁରଭି, ଏମ୍.ସି.ୟୁ -୫ ଇତ୍ୟାଦି ବାଛିପାରିବେ । ଅଧିକ ଘନତାରେ ଲଗେଇବା ପାଇଁ, ସୁରଜ, ସୁପ୍ରିୟା, ପିକେଭି-୦୮୧, ଏନଏଚ୍-୬୧୫, ଏଚ୍.ଡି -୧୨୩, ବିଏସ୍ ୩୦ ବ୍ୟବହାର କରିପାରିବେ ।<br>• ସାଧାରଣ ଲଗାଣ ଏବଂ ଉଚ୍ଚ ଘନତା ଲଗାଣ ପାଇଁ ଏକ ଏକର ଜମିରେ ଯଥାକ୍ରମେ ୧ ଓ ୫ କିଲୋଗ୍ରାମ ବିହନ ବ୍ୟବହାର କରାଯିବା ଉଚିତ ।<br>• ବୁଣିବା ପୂର୍ବରୁ, ଶୋଷକ କୀଟରୁ ସୁରକ୍ଷା ପାଇଁ ବିହନକୁ ଇମିଡାକ୍ଲୋପ୍ରିଡ୍ ୭୦ ଡବ୍ଲୁ.ଜି. @ ୭g କୁ ପ୍ରତି କିଲୋ ବିହନ ସହିତ ମିଶାଇ ବିଶୋଧନ କରନ୍ତୁ । |
| ଆମ୍ବ | ନୂଆଁ ଗଛ ଲଗାଇବା | • ଚୟନ କରାଯାଇଥିବା ଚାରାଗୁଡ଼ିକ ସୁସ୍ଥ ଏବଂ ଲଗାଇବା ପାଇଁ ଯଥେଷ୍ଟ ବଡ଼ ହେବା ସହିତ ସେଥିରେ କୀଟ ଏବଂ ରୋଗର ଲକ୍ଷଣ ଦେଖାଯାଉ ନ ଥିବା ଉଚିତ କାରଣ ସେଗୁଡ଼ିକର ବଞ୍ଚିବାର ସମ୍ଭାବନା ଅଧିକ ଥାଏ ।<br>• ଯଦି ଗଛ ଲଗାଇବା ପାଇଁ ପ୍ରସ୍ତୁତ ହୋଇ ଯାଇଛି, ତେବେ ଗାତ ଚାରିପାଖର ଉପର ମାଟିର ଏକ ଚତୁର୍ଥାଂଶ କିମ୍ବା ଗାତ ପ୍ରସ୍ତୁତ କରିବା ସମୟରେ ଅପସାରିତ ମାଟି ସହିତ ଗଛ ଲଗାଇବା ଗାତଗୁଡ଼ିକୁ ପୁନଃ ପୂରଣ କରନ୍ତୁ। ଆବଶ୍ୟକ ସ୍ଥଳେ, ଏହି ମାଟିରେ ଆବଶ୍ୟକ ପରିମାଣର ଖତ କିମ୍ବା ସାରକୁ ଭଲ ଭାବରେ ମିଶ୍ରଣ କରି ଗାତକୁ ଭରି କିଛି ଦିନ ପାଇଁ |

| | | |
|---|---|---|
| | | ସେମିତି ଛାଡ଼ି ଦିଅନ୍ତୁ । |
| ପୋଟଳ | ଫଳ ଅବସ୍ଥା | • ବର୍ତ୍ତମାନର ଗରମ ଏବଂ ଆର୍ଦ୍ର ପାଗ ସହିତ ପ୍ରାୟତଃ ମଝିରେ ମଝିରେ ଝଡ଼ବର୍ଷା, ପୋଟଳ ଗଛରେ ଫଳ ଏବଂ ଲତା ପଚିବାର ବିପଦ ସୃଷ୍ଟି କରିପାରେ ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଯଦି ପୋକ ଲାଗିବା ଦେଖାଯାଏ, ତେବେ ସଫା ଏବଂ ଶୁଖିଲା ପାଗରେ କପର ଅକ୍ସିକ୍ଲୋରାଇଡ୍ ୫୦ % ଡବ୍ଲୁ.ପି. @ ୩ ଗ୍ରାମ ଏବଂ ମେଟାଲାକ୍ସିଲ୍ ୮% + ମାଙ୍କୋଜେବ୍ ୬୪% ଡବ୍ଲୁ.ପି. @ ୨.୫ ରୁ ୩ ଗ୍ରାମକୁ ପ୍ରତି ଲିଟର ପାଣି ସହିତ ବିକଳ୍ପ ଭାବରେ ସିଞ୍ଚନ କରନ୍ତୁ ।<br>• ଚାଷୀଭାଇମାନେ କୌଣସି ରାସାୟନିକ ସିଞ୍ଚନ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ ଏବଂ ଅଧିକ ବର୍ଷା ଜଳର ନିଷ୍କାସନ ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ କାରଣ ଆଗାମୀ ଦିନରେ କିଛି ସ୍ଥାନରେ ମଧ୍ୟମ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । |
| ଅନ୍ୟ ବର୍ଷାଦିନିଆ ପନିପରିବା | ନର୍ସରୀ ବେଡ୍ ପ୍ରସ୍ତୁତି / ବୁଣା / ଚାରା ଅବସ୍ଥା / ରୋପଣ | • ପ୍ରଚଳିତ ପାଣିପାଗରେ ପନିପରିବା ଫସଲରେ ବିଭିନ୍ନ ପ୍ରକାରର ଶୋଷକ ପୋକମାନଙ୍କର ସଂକ୍ରମଣ ବଢିବାର ସମ୍ଭାବନା ଦେଖାଯାଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି । ଯଦି ପ୍ରକୋପ ଦେଖାଯାଏ ତା'ହେଲେ ୦.୩ ରୁ ୦.୫ ଗ୍ରାମ ଥାୟାମିଥୋକ୍ସାମ ୨୫ % ଡବ୍ଲୁ.ଜି. କିମ୍ବା ଇମିଡାକ୍ଲୋରପ୍ରିଡ ୧୭.୮ % ଏସ.ଏଲ. @ ୦.୩ ମିଲିକୁ ଗୋଟେ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>• ଏହି ସପ୍ତାହରେ ବର୍ଷା / ଘଡ଼ଘଡ଼ି ସହିତ ପ୍ରବଳ ପବନ ବହିବାର ସମ୍ଭାବନାକୁ ଧ୍ୟାନରେ ରଖି ଔଷଧର ପ୍ରୟୋଗ କାର୍ଯ୍ୟରେ ଆବଶ୍ୟକ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି ।<br>• ପୂର୍ବ ଦିନଗୁଡିକରେ ହୋଇଥିବା ବର୍ଷାର ସୁଯୋଗ ନେଇ, ଚାଷୀଭାଇମାନେ ଖରିଫ ପନିପରିବା ଫସଲ ପାଇଁ ଉପଯୁକ୍ତ ସୁରକ୍ଷା ସହିତ ନର୍ସରୀ ବେଡ୍ ପ୍ରସ୍ତୁତି ଏବଂ ସେଥିରେ ବୁଣା କାର୍ଯ୍ୟ ଆରମ୍ଭ କରିଦେବା ଉଚିତ କାରଣ ଆଗକୁ ମଧ୍ୟ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ରହିଅଛି ।<br>• ଯଦି ସମ୍ଭବ ହୁଏ, ଚାରା ରୋପଣ ସମୟରେ ପଲିଥିନ୍ ମଲ୍ଚିଂ ବ୍ୟବହାର କରିବା ସହିତ ଉଚିତ ଜଳ ନିଷ୍କାସନର ମଧ୍ୟ ବ୍ୟବସ୍ଥା କରନ୍ତୁ । |
| ପଶୁ ପାଳନ | • ପ୍ରଚଳିତ ପାଣିପାଗ ଯୋଗୁଁ ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗ ଯେପରିକି ସାହାଣ, ବଜବଜିଆ, ଫାଟୁଆ ଆଦି ରୋଗମାନଙ୍କର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଥାଶୀଘ୍ର ଏହି ରୋଗମାନଙ୍କ ପାଇଁ ଟୀକାକରଣର ବ୍ୟବସ୍ଥା କରନ୍ତୁ ଓ ଆବଶ୍ୟକ ସ୍ଥଳେ କୃମିନାଶକ ଔଷଧର ସେବନ ନିଶ୍ଚୟ କରାନ୍ତୁ ।<br>• ଆଗାମୀ ସପ୍ତାହରେ ଝଡ଼ ଏବଂ ବଜ୍ରପାତ ହେବାର ସମ୍ଭାବନା ଥିବାରୁ, ଘଡ଼ଘଡ଼ି ଶବ୍ଦ ଶୁଣିବା କିମ୍ବା ବଜ୍ରପାତ ଦେଖାଯିବା ମାତ୍ରେ ଚାଷୀମାନେ ସମସ୍ତ ଗାଈ, ମଇଁଷି ଏବଂ ଛେଳିଙ୍କୁ ସୁରକ୍ଷିତ, ଚାରିପଟୁ ଘୋଡ଼ାହୋଇଥିବା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରନ୍ତୁ । ଧାତୁ ବାଡ଼, ଗଛ କିମ୍ବା ଧାତୁ ବସ୍ତୁ ବାହାରେ କିମ୍ବା ନିକଟରେ ପଶୁମାନଙ୍କୁ ବାନ୍ଧିବେ ନାହିଁ । | |
| କୁକୁଡ଼ା ପାଳନ | • କୁକୁଡ଼ାମାନଙ୍କ କ୍ଷେତ୍ରରେ ବର୍ଷାଦିନେ ସାଧାରଣତଃ ଶ୍ବାସ ଜନିତ ରୋଗ, ଝାଡାରୋଗ ଓ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ ତେଣୁ କୁକୁଡ଼ା ଘର ସବୁବେଳେ ଶୁଖିଲା ଓ ସଫା ରଖନ୍ତୁ । ମଝି ମଝିରେ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା ଓଦା ପରିବେଶରେ ରୋଗ ବହନକାରୀ କୀଟପତଙ୍ଗଙ୍କ ବଂଶବୃଦ୍ଧିକୁ ରୋକିବା ପାଇଁ ନିୟମିତ ଭାବରେ ଜୀବାଣୁନାଶକ ବ୍ୟବହାର କରନ୍ତୁ । ଋତୁକାଳୀନ ଟୀକାକରଣ ସମୟସୂଚୀ ବିଷୟରେ ସ୍ଥାନୀୟ ପଶୁଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ, ବିଶେଷକରି କୁକୁଡ଼ାଙ୍କ ରାଣୀକ୍ଷେତ ବା ଘୁମା ରୋଗ ପାଇଁ ।<br>• ବର୍ଷାଦିନେ ପାନୀୟ ଜଳ ଦୂଷିତ ହେବାର ସମ୍ଭାବନା ଅଧିକ ଥିବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିହାତି କରିବା ଆବଶ୍ୟକ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ହ୍ୱୋକ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।